

# ୨୭

# ଭାରତୀୟ ଜାତିପ୍ରଥା
# CASTE SYSTEM IN INDIA

ଭାରତୀୟ ସମାଜର ବିଭିନ୍ନ ଲକ୍ଷଣଗୁଡିକୁ ଅଧ୍ୟୟନ କଲାପରେ ଆମେ ଏଠାରେ ସାଧାରଣତଃ ତିନି ପ୍ରକାର ସମାଜ ଦେଖିବାକୁ ପାଇଥାଉ । ଯଥା- ଜନଜାତି ସମାଜ, ଗ୍ରାମ୍ୟ ସମାଜ ଓ ପୌର ସମାଜ । ଏହି ଅଧ୍ୟାୟରେ ତୁମେ ଭାରତୀୟ ସାମାଜିକ ଅନୁଷ୍ଠାନର ଏକ ମୁଖ୍ୟ ବ୍ୟବସ୍ଥା "ଜାତି ବ୍ୟବସ୍ଥା" ସମ୍ବନ୍ଧରେ ପଢ଼ିବ । ଏହି ଅଧ୍ୟାୟରେ ତୁମେ ଜାତିର ବିଭିନ୍ନ ଲକ୍ଷଣ, ବର୍ଣ୍ଣ ଓ ଜାତି ମଧ୍ୟରେ ପ୍ରଭେଦ; ଜାତି ଓ ଶ୍ରେଣୀ, ଜାତି ପ୍ରଥାର ସାମ୍ପ୍ରତିକ ପରିବର୍ତ୍ତନ, ସଂସ୍କୃତିକରଣ, ପାଶ୍ଚାତ୍ୟକରଣ, ପ୍ରଭାବଶାଳୀ ଜାତି ଇତ୍ୟାଦି ଇତ୍ୟାଦି । ଜାତି ଶବ୍ଦଟି ସ୍ପେନୀୟ ଶବ୍ଦ କାଷ୍ଟାରୁ ଆସିଅଛି ଯାହାକି ଜନ୍ମଗତ ଗୁଣ ବା ପ୍ରଜାତିକୁ ବୁଝାଇଥାଏ । ପର୍ତ୍ତୁଗୀଜମାନେ ପ୍ରଥମେ ଭାରତୀୟ ହିନ୍ଦୁ ସମାଜର କେତେକ କ୍ଷୁଦ୍ର ସାମାଜିକ ସମୁହକୁ ଦର୍ଶାଇବା ପାଇଁ କାଷ୍ଟ (Casta) ଶବ୍ଦଟିକୁ ବ୍ୟବହାର କରିଥିଲେ । ଲୋକେ ସାଧାରଣତଃ ଚାରିଗୋଟି ଜାତି ଅଛି ବୋଲି ଆଲୋଚନା କରିଥାନ୍ତି ଯଥା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର । ପ୍ରକୃତରେ ଏଗୁଡିକ ଜାତି ନୁହନ୍ତି ବରଂ ଏଗୁଡିକ ହେଉଛି ବର୍ଣ୍ଣ । ଏଣୁ ଆମେ ଚାରିପ୍ରକାର ବର୍ଣ୍ଣ ଓ ୪୦୦୦ ପ୍ରକାର ଜାତି ଭାରତରେ ଦେଖିବାକୁ ପାଇଥାଉ ।

## ଉଦ୍ଦେଶ୍ୟ (Objective)

ଏହି ଅଧ୍ୟାୟରେ ତୁମେ ଜାଣିବାକୁ ପାଇବ

- ଜାତି ପ୍ରଥାର ସଂଜ୍ଞା;
- ଜାତି ପ୍ରଥାର ବିଭିନ୍ନ ଲକ୍ଷଣ;
- ବର୍ଣ୍ଣ ଓ ଜାତି ମଧ୍ୟରେ ପାର୍ଥକ୍ୟ;
- ଜାତି ଓ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ; ଏବଂ
- ଜାତି ପ୍ରଥାରେ ସାମ୍ପ୍ରତିକ ପରିବର୍ତ୍ତନ



## ୨୭.୧ ଜାତିର ସଂଜ୍ଞା


ଜାତି ଏକ ବଂଶାନୁଗତିକ ଅର୍ନ୍ତବିବାହି ସମୁହ ଅଟେ। ଏହାର ସଦସ୍ୟ ପଦ ଜନ୍ମଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଜାତିର ସଦସ୍ୟମାନେ ବଂଶାନୁକ୍ରମିକ କୌଳିକ ବୃତ୍ତି ଅବଲମ୍ବନ କରିଥାନ୍ତି । ଜାତି ଏକ ଆବଦ୍ଧ ସମୁହ । ଯେଉଁଠି ବ୍ୟକ୍ତି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଦସ୍ୟତା ପାଇଥାଏ। ନିମ୍ନରେ ଜାତିର ମୁଖ୍ୟ ସାଧାରଣ ଲକ୍ଷଣଗୁଡିକ ପ୍ରଦାନ କରାଗଲା ।

(୧) **ସମାଜର ଆଂଶିକ ବିଭାଜନ (Segmental Division of Society)** : ଭାରତୀୟ ସମାଜର ସ୍ତରୀକରଣର ମୁଖ୍ୟ ଉପାଦାନ ହେଉଛି ଜାତି ବ୍ୟବସ୍ଥା। ପ୍ରତ୍ୟେକ ଜାତି ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଗୋଷ୍ଠି ଅଟେ । ପ୍ରତ୍ୟେକ ଜାତିର ଆଚାର, ବିଚାର, ପ୍ରଥା, ପରମ୍ପରା, ଚଳଣି, ରୀତିନୀତି ଦୃଷ୍ଟିକୋଣ ଅନ୍ୟ ଜାତିଠାରୁ ଭିନ୍ନ ଅଟନ୍ତି। ସ୍ୱଭାବତଃ ପ୍ରତ୍ୟେକ ଜାତିସମୂହ ସମାଜରେ ଭିନ୍ନ ସାମାଜିକ ପ୍ରସ୍ଥିତି ଲାଭ କରିଥାଏ ।

**(୨) ଉଚ୍ଚନୀଚ କ୍ରମ (Hierarchy)** : ଜାତିପ୍ରଥା ମୁଖ୍ୟତଃ ସ୍ତରୀକରଣକୁ ନେଇ ଗଠିତ । ଉଚ୍ଚନୀଚ ସ୍ତରୀକରଣ ଜାତି ପ୍ରଥାର ଅନ୍ୟମତ ଲକ୍ଷଣ। ପ୍ରତ୍ୟେକ ଜାତିର ସଦସ୍ୟମାନଙ୍କୁ ଉଚ୍ଚନୀଚ କ୍ରମରେ ସଜ୍ଜିତ କରି ରଖାଯାଇଅଛି । ଜାତିର ଆଚାର, ବ୍ୟବହାର, ଖାଦ୍ୟ ପାନୀୟ ଗ୍ରହଣ, ବେଶଭୂଷା ଏବଂ ଅନ୍ୟ ଜାତି ସହିତ ସାମାଜିକ ମିଳାମିଶା ଇତ୍ୟାଦି ଏହାର ପ୍ରସ୍ଥିତି ନିର୍ଦ୍ଧାରଣରେ ସହାୟକ ହୁଏ। ଏହି କ୍ରମ ଅନୁଯାୟୀ ବ୍ରାହ୍ମଣମାନେ ଶୀର୍ଷରେ ଓ ଶୁଦ୍ରମାନେ ନିମ୍ନସ୍ଥାନ ଅଧିକାର କରିଛନ୍ତି । ଏଣୁ ଜଣେ ବ୍ରାହ୍ମଣ ଶିକ୍ଷାଦାନ ସହିତ ସମାଜର ବିଭିନ୍ନ ପୂଜାପାଠ ଦାୟିତ୍ୱ ତୁଲାଇଥାଏ ଓ ଅନ୍ୟପକ୍ଷରେ ଜଣେ ଶୁଦ୍ର ବା ମେହେନ୍ତର ପାଇଖାନା ସଫା କରିବା କାମ କରିଥାଏ।

(୩) **ଖାଦ୍ୟ, ପାନୀୟ ଓ ଏକତ୍ର ଧୂମ୍ରପାନ ଉପରେ କଟକଣା (Restriction on food, drink and smoking)** : ଜାତି ବ୍ୟବସ୍ଥାରେ ଖାଦ୍ୟ, ପାନୀୟ, ସାମାଜିକ ମିଳାମିଶା, ଏକତ୍ର ଧୂମପାନ ଇତ୍ୟାଦି ଉପରେ କଟକଣା ରହିଥାଏ । ବ୍ରାହ୍ମଣମାନେ ଅନ୍ୟ ଜାତିଠାରୁ ଖାଦ୍ୟ ପଦାର୍ଥ ଗ୍ରହଣ କରନ୍ତି ନାହିଁ। ଉଦାହରଣ ସ୍ୱରୂପ-ଉତ୍ତର ପ୍ରଦେଶରେ କାନ୍ୟକୁବ୍ଜ ବ୍ରାହ୍ମଣମାନେ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି ଏବଂ ଗୋଟିଏ ଗୋଷ୍ଠି ଅନ୍ୟ ଗୋଷ୍ଠି ଠାରୁ ମଧ ଖାଦ୍ୟ ପଦାର୍ଥ ଗ୍ରହଣ କରେନାହିଁ । ବ୍ରାହ୍ମଣମାନେ କେତେକ ନୀଚ ଜାତି ଠାରୁ ଘିଅରେ ରନ୍ଧା ଖାଦ୍ୟ ଅର୍ଥାତ୍ ପକ୍କା ଖାଦ୍ୟ ଗ୍ରହଣ କରିପାରିବେ । ମାତ୍ର ପାଣିରେ ରନ୍ଧା ଖାଦ୍ୟ ବା କଚ୍ଚା ଖାଦ୍ୟ ଗ୍ରହଣ କରିପାରିବେ ନାହିଁ।

(୪) **ଅନ୍ତର୍ବିବାହ ବା ସ୍ୱଜାତି ବିବାହ (Endogamy)** : ଜାତି ଅନ୍ତର୍ବିବାହୀ ଦଳ ନିଜ



ନିଜ ଜାତି ମଧ୍ୟରେ ବିବାହ କରିବା ଜାତି ପ୍ରଥାର ନିୟମ । ଜାତି ବ୍ୟବସ୍ଥାରେ ବିବାହ ଜନିତ ଅନେକ କଟକଣା ଦେଖାଦେଇଥାଏ । ଯଥା-ଜାତି ବାହାରେ ବିବାହ କରିବାକୁ ନିଷେଧ କରାଯାଇଥାଏ । ଜାତିର ସଦସ୍ୟମାନେ ଜାତି ବାହାରେ ବିବାହକୁ ଦଣ୍ଡନୀୟ ଅପରାଧ ରୂପେ ଗ୍ରହଣ କରୁଥିଲେ । ଅବଶ୍ୟ, ବର୍ତ୍ତମାନ ସହରାଞ୍ଚଳରେ ଶିକ୍ଷିତ ଯୁବକ ଯୁବତୀମାନେ ଆନ୍ତଃଜାତି ବିବାହକୁ ଅଧିକ ପସନ୍ଦ କରୁଛନ୍ତି ।

(୫) **ବିଶୁଦ୍ଧତା ଓ ଅବିଶୁଦ୍ଧତା (purity and pollution)** : ବିଶୁଦ୍ଧତା ଓ ଅବିଶୁଦ୍ଧତା ମଧ୍ୟ ଜାତି ପ୍ରଥାର ଏକ ବିଶେଷ ଲକ୍ଷଣ ଅଟେ । ଏହା ଲୋକଙ୍କର କର୍ମ, ଜୀବିକା, ଭାଷା, ପୋଷାକପତ୍ର, ଖାଦ୍ୟ ଖାଇବା ଶୈଳୀ ଇତ୍ୟାଦି ଉପରେ ନିର୍ଣ୍ଣିତ ହୋଇଥାଏ । ଅର୍ଥାତ୍ ନୀଚ ଜାତିର ଲୋକେ ମଦ ପିଇବା, ଆମିଷ ଖାଇବା, ଚମଡା କାରଖାନାରେ କାମ କରିବା, ମୃତ୍ୟୁବରଣ କରିଥିବା ପଶୁପକ୍ଷୀଙ୍କୁ ଉଠେଇବା ଇତ୍ୟାଦି ଅବିଶୁଦ୍ଧ କାର୍ଯ୍ୟ ନିଜ ଜାତିର ଲୋକେ ସମ୍ପାଦନ କରିଥାନ୍ତି । ଅନ୍ୟପକ୍ଷରେ ପବିତ୍ର ବା ବିଶୁଦ୍ଧ କାର୍ଯ୍ୟ ଅର୍ଥାତ୍ ଶିକ୍ଷାଦାନ, ପୂଜାପାଠ କରିବା, ପ୍ରବଚନ ଦେବା ଇତ୍ୟାଦି କାର୍ଯ୍ୟ ଉଚ୍ଚଜାତିର ଲୋକଙ୍କ ଦ୍ୱାରା କରାଯାଇଥାଏ ।

(୬) **କୌଳିକ ବୃତ୍ତି (Hereditary Occupation)** : କୌଳିକବୃତ୍ତି ଜାତିପ୍ରଥାର ଏକ ବିଶେଷତ୍ୱ ଅଟେ । ଜାତି ବ୍ୟବସ୍ଥା ଅନୁଯାୟୀ ଜଣେ ବ୍ୟକ୍ତି ବଂଶାନୁକ୍ରମିକ ବୃତ୍ତି କରିବା ପାଇଁ ବାଧ୍ୟ । ଅର୍ଥାତ୍ ଜାତି ବ୍ୟବସ୍ଥାରେ ସଦସ୍ୟମାନଙ୍କର ବୃତ୍ତି ବାଛିବା ଅଧିକାର ନଥାଏ । ଉଦାହରଣ- ବ୍ରାହ୍ମଣମାନେ ପୂଜାପାଠ କରିବା ସଂଗେ ଶିକ୍ଷାଦାନ, ପ୍ରବଚନ ଦେବା, କାୟସ୍ଥମାନେ ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ, ବଣିଆମାନେ ବାଣିଜ୍ୟ ବେପାର ଏବଂ ଚମାର ବା ମୋଚିଜାତିର ଲୋକ ଚମଡା କାର୍ଯ୍ୟକରିଥାନ୍ତି । କିନ୍ତୁ ଆଧୁନିକୀକରଣ ଓ ଶିଳ୍ପୀକରଣ ପ୍ରକ୍ରିୟାଗୁଡିକର ପ୍ରଭାବ ଯୋଗୁଁ ଏହି ଜାତି ଭିତ୍ତିକ କୌଳିକ ବୃତ୍ତି ବଦଳିବାରେ ଲାଗିଅଛି ।

(୭) **ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ଅକ୍ଷମତା (Social and Religious dis-abilities)** : ନୀଚ ଜାତିର ଲୋକଙ୍କୁ ସାମାଜିକ ତଥା ଧାର୍ମିକ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ସେମାନଙ୍କୁ କୌଣସି ମନ୍ଦିରକୁ ପଶିବାକୁ ଦିଆଯାଉନଥିଲା । ସେମାନେ ସୁନା ଅଳଙ୍କାର କିମ୍ବା ଛତା ବ୍ୟବହାର କରିପାରିବେ ନାହିଁ କିମ୍ବା ଶୁଦ୍ଧ ଭାଷାରେ କଥା ହୋଇପାରିବେ ନାହିଁ । କିନ୍ତୁ ଆଜିର ସମାଜ ସେଗୁଡିକ ପ୍ରତି ଆଦୌ ଭ୍ରୂକ୍ଷେପ କରିନଥାଏ ।

(୮) **ପ୍ରଥା, ପରମ୍ପରା, ପୋଷାକପତ୍ର ଓ ଭାଷାରେ ପାର୍ଥକ୍ୟ (Distinction in cus-tom, dress and speech)** : ପ୍ରତ୍ୟେକ ଜାତିର ନିଜସ୍ୱ ପ୍ରଥା, ପରମ୍ପରା,



ପୋଷାକପତ୍ର ଓ ଭାଷା ଅଛି । ଉଚ୍ଚ ଜାତିର ଲୋକେ ଶୁଦ୍ଧ ଭାଷା ବ୍ୟବହାର କରୁଥିବାସ୍ଥଳେ ନୀଚ ଜାତିର ଜନସାଧାରଣ ନିଜ ସ୍ଥାନୀୟ (ଲୋକଭାଷା) ଭାଷା ବ୍ୟବହାର କରିଥାନ୍ତି ।

(୯) **ଜାତି ପଞ୍ଚାୟତ (Caste Panchayat) :** ପ୍ରତ୍ୟେକ ଜାତିର ଗୋଟିଏ ଜାତି ପଞ୍ଚାୟତ ଥାଏ । ଏହା ଜାତିର କେତେକ ମୁରବିଙ୍କୁ ନେଇ ଗଠିତ ଏବଂ ଏହା ବିଚାରାଳୟର କାର୍ଯ୍ୟ କରିଥାଏ । ଜାତିର କୌଣସି ସଦସ୍ୟ ଜାତିର ନୀତି ନିୟମକୁ ଭଙ୍ଗ କଲେ ବା ସେଥିରୁ ବିଚ୍ୟୁତ୍ ହେଲେ; ସେ କ୍ଷେତ୍ରରେ ଜାତି ପଞ୍ଚାୟତ ଦଣ୍ଡବିଧାନ କରିଥାଏ । ଏଣୁ ଜାତି ପଞ୍ଚାୟତ ସାମାଜିକ ନିୟନ୍ତ୍ରଣର ଏକ ଅନୌପଚାରିକ ମାଧ୍ୟମ ଭାବେ କାର୍ଯ୍ୟ କରେ ।

### ପାଠଗତ ପ୍ରଶ୍ନ ୨୭.୧

ବନ୍ଧନିରେ ଥିବା ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର ।

(୧) ପକ୍କା ଖାଦ୍ୟ .................... ଦ୍ୱାରା ପ୍ରସ୍ତୁତ ହୋଇଥାଏ । (ପତ୍ର, ଜଳ, ଘିଅ)

(୨) ବ୍ରାହ୍ମଣମାନଙ୍କ ବୃତ୍ତି ....................... (ଚମଡା କାମ, ପୁରୋହିତ କାମ, ବେପାର)

(୩) ଅସ୍ପୃଶ୍ୟମାନେ ......................... ହିସାବରେ ପରିଚିତ । (ଓବିସି, ସବର୍ଣ୍ଣ, ଦଳିତ)

(୪) ଗୋଟିଏ ଜାତିର ସଦସ୍ୟତା ....................... ଅଟେ । (ବଂଶାନୁଗତିକ ପରିବର୍ତ୍ତନଶୀଳ, ଲବ୍ଧ ପ୍ରସ୍ଥିତି)

## ୨୭.୨ ବର୍ଣ୍ଣ ଓ ଜାତି ମଧ୍ୟରେ ପାର୍ଥକ୍ୟ

ଆମେ ପୂର୍ବରୁ କହିଛେ ଯେ ଭାରତୀୟ ସମାଜରେ ଚାରି ପ୍ରକାରର ବର୍ଣ୍ଣ ଦେଖାଯାଏ । ପ୍ରଥମେ, ବର୍ଣ୍ଣର ବ୍ୟବହାର ଋକ୍‌ବେଦରେ ଦେଖିବାକୁ ମିଳିଥିଲା ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୫୦୦ରେ ବୈଦିକ ଯୁଗରେ । ବର୍ଣ୍ଣର ଅର୍ଥ ରଙ୍ଗ । ପ୍ରଥମେ କେହି ଅସ୍ପୃଶ୍ୟ ନଥିଲେ। ବର୍ଣ୍ଣ ବ୍ୟବସ୍ଥା ବୈଦିକ ଯୁଗରେ (ଖ୍ରୀଷ୍ଟପୂର୍ବ ୧୫୦୦-୧୦୦୦) ଏତେ କଠୋର ନଥିଲା । ବୈଦିକ ଯୁଗ ପରେ ପ୍ରାୟ ଖ୍ରୀଷ୍ଟପୂର୍ବ ୧୦୦୦ରେ "ଅସତ୍ ଶୁଦ୍ର" (Untouchable community) ଲେଖା ଥିବାର ନଜିର ମିଳେ । ଏଣୁ ବୋଧହୁଏ ଅସ୍ପୃଶ୍ୟତା ଖ୍ରୀଷ୍ଟପୂର୍ବ ୧୦୦୦ରେ ଦେଖାଯାଇଥିଲା । କିନ୍ତୁ ଦ୍ୱିତୀୟ ଶତାବ୍ଦୀ ବେଳକୁ ଅନେକ ବୃତ୍ତିକ ଗୋଷ୍ଠୀ ବିଭିନ୍ନ ଜାତି ନାମରେ ପରିଚିତ ହେବାକୁ ଲାଗିଲେ।

ବର୍ଣ୍ଣ ବ୍ୟବସ୍ଥା, ଭାରତୀୟ ସାମାଜିକ ବ୍ୟବସ୍ଥା ଅନୁଯାୟୀ କେବଳ ଏକ ପୁସ୍ତକୀୟ ଅଥବା ତାତ୍ତ୍ୱିକ ବ୍ୟବସ୍ଥା ଅଟେ । ଭାରତରେ କେବଳ ମାତ୍ର ଚାରୋଟି ବର୍ଣ୍ଣଥିବା ସ୍ଥଳେ ୪୦୦୦ରୁ ଅଧିକ



ଜାତି ଅଛନ୍ତି ଏବଂ ଭିନ୍ନ ଭିନ୍ନ ଅଞ୍ଚଳରେ ୨୦୦ରୁ ଅଧିକ ଜାତି ଦେଖାଯାଇଥାନ୍ତି । ବର୍ଣ୍ଣ ବ୍ୟବସ୍ଥା ଅନୁଯାୟୀ ବ୍ରାହ୍ମଣ ଜାତି ସବୁଠାରୁ ଊର୍ଦ୍ଧ୍ୱରେ ଥିବାବେଳେ କ୍ଷତ୍ରିୟ ଦ୍ୱିତୀୟ ସ୍ଥାନରେ, ବୈଶ୍ୟ ତୃତୀୟ ସ୍ଥାନରେ ଓ ସବୁଠାରୁ ନିମ୍ନସ୍ତରରେ ଶୂଦ୍ରମାନେ ଦେଖାଯାଇଥାନ୍ତି । ଏହି ବର୍ଣ୍ଣ ବ୍ୟବସ୍ଥାରେ ଉଚ୍ଚନୀଚ କ୍ରମଟି ସାରା ଭାରତରେ ଦେଖାଯାଏ କିନ୍ତୁ ଜାତି କ୍ଷେତ୍ରରେ ଏହିପରି ଉଚ୍ଚନୀଚ କ୍ରମନଥାଏ । ଭାରତରେ ଏବେ ମଧ୍ୟ କେତେକ ଅଞ୍ଚଳର ବ୍ରାହ୍ମଣମାନେ ଶୀର୍ଷରେ ଥିବା ସ୍ଥଳେ ଆଉ କେତେକ ଜାଗାରେ ଠାକୁରମାନେ ଶୀର୍ଷସ୍ଥାନ ଅଧିକାର କରିଥାନ୍ତି । ବର୍ତ୍ତମାନ ମଧ୍ୟ କେତେକ ଜାଗାରେ ଦଳିତମାନେ ମଧ୍ୟ ଶୀର୍ଷସ୍ଥାନରେ ଦେଖାଯାଆନ୍ତି । ତେଣୁ ଯୁଗବ୍ୟାପୀ ଲକ୍ଷଣଗୁଡିକ (ଅର୍ଥନୈତିକ ଓ ରାଜନୈତିକ) ଜାତି ବ୍ୟବସ୍ଥାରେ ଦେଖିବାକୁ ମିଳୁଛି । ଅନ୍ୟ ଦିଗରେ ବର୍ଣ୍ଣ ବ୍ୟବସ୍ଥାରେ ଧାର୍ମିକ ରୀତିନୀତି ବିଧିବିଧାନ, ଲକ୍ଷଣଗୁଡିକ ଦେଖିବାକୁ ମିଳେ । ବର୍ଣ୍ଣ ବ୍ୟବସ୍ଥାରେ ସାଧାରଣତଃ ଅସ୍ପୃଶ୍ୟମାନେ ପରିଗଣିତ ହେଉନଥିବାବେଳେ ଜାତି ବ୍ୟବସ୍ଥାରେ ସେମାନେ ଏକ ବିଶେଷ ଅଂଶ ରୂପେ ପରିଚିତ ହୁଅନ୍ତି । ବର୍ଣ୍ଣ ବ୍ୟବସ୍ଥାରେ ଜଣେ ବ୍ୟକ୍ତି ତାର ସାମାଜିକ ସ୍ଥିତି ବା ସ୍ଥାନକୁ ପରିବର୍ତ୍ତନ କରିପାରେ ନାହିଁ କିନ୍ତୁ ଜାତି ବ୍ୟବସ୍ଥାରେ ବ୍ୟକ୍ତିର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଇଥାଏ ।

## ୨୭.୩ ଜାତି ଓ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ

ଭାରତରେ ଦୁଇ ପ୍ରକାର ସ୍ତରୀକରଣ ବ୍ୟବସ୍ଥା ଦେଖିବାକୁ ମିଳେ । ପ୍ରଥମତଃ ଜାତି ଓ ଦ୍ୱିତୀୟରେ ଶ୍ରେଣୀ । ଜାତି ଆବଦ୍ଧ ଓ ଅନମନୀୟ ହୋଇଥିବା ବେଳେ ଶ୍ରେଣୀ ଉନ୍ମୁକ୍ତ ଓ ନମନୀୟ ଅଟେ । ଅର୍ଥାତ୍ ଜଣେ ଚାହିଁଲେ ମଧ୍ୟ ଜାତିର ପରିବର୍ତ୍ତନ ହୋଇପାରେ ନାହିଁ । ମାତ୍ର ଶ୍ରେଣୀ ବ୍ୟବସ୍ଥାରେ ପରିବର୍ତ୍ତନ ଅତି ସହଜ । କାରଣ ଜଣେ ଉଚ୍ଚ ଜାତିର ବ୍ୟକ୍ତି ସମୟ ଅନୁକ୍ରମେ ନୀଚ ଶ୍ରେଣୀକୁ ଖସିଆସିପାରେ ଏବଂ ନୀଚ ଶ୍ରେଣୀର ବ୍ୟକ୍ତି ତାର ଦକ୍ଷତା, କୌଶଳ, ଶିକ୍ଷାବଳରେ ଉଚ୍ଚଶ୍ରେଣୀକୁ ଯାଇପାରେ । ବୃତ୍ତିଗତ ଦୃଷ୍ଟିରୁ, ଖାଦ୍ୟ ପାନୀୟ, ସାମାଜିକ ମିଳାମିଶା, ଧାର୍ମିକ ସୁବିଧା ସୁଯୋଗ ଦୃଷ୍ଟିରୁ ଜାତି ବ୍ୟବସ୍ଥାରେ କେତେକ କଟକଣା ଥାଏ । ମାତ୍ର ଶ୍ରେଣୀ ବ୍ୟବସ୍ଥାରେ ସେପରି କିଛି କଟକଣା ନଥାଏ । ଶ୍ରେଣୀରେ ବିବାହ ଜନିତ କଟକଣା ନଥାଏ କିନ୍ତୁ ଜାତିରେ ଏକ କଠୋର ନିୟମ ରହିଅଛି । ଜାତି ସମାଜର ଧର୍ମ, ପରମ୍ପରା, ପ୍ରଥାକୁ ନେଇ ଗଠିତ ହୋଇଥିବା ବେଳେ ଶ୍ରେଣୀ ବ୍ୟବସ୍ଥା ଆଧୁନିକ ଶିକ୍ଷା ସଭ୍ୟତାକୁ ନେଇ ଗଠିତ ହୋଇଥାଏ । ଭାରତରେ ଆମେ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ତିନି ପ୍ରକାର ଶ୍ରେଣୀ ଦେଖିଥାଉ । ଯଥା-ଉଚ୍ଚ, ମଧ୍ୟମ ଓ ନୀଚ । ପ୍ରତ୍ୟେକ ଶ୍ରେଣୀ ମଧ୍ୟ ଦୁଇଟି ଲେଖାଏଁ ଭାଗରେ ବିଭକ୍ତ ଯଥା- ଉଚ୍ଚ-ଉଚ୍ଚ, ନୀଚ-ଉଚ୍ଚ, ଉଚ୍ଚ-ମଧ୍ୟମ, ନୀଚ-ମଧ୍ୟମ, ଉଚ୍ଚ-ନୀଚ ଓ ନୀଚ-ନୀଚ । ଏଣୁ ଜାତି ଓ ଶ୍ରେଣୀ ପରସ୍ପର ବିରୋଧୀ ସାମାଜିକ ସମୁହ ଅଟେ । ଯଦିଓ ଜାତି ଓ ଶ୍ରେଣୀ ସ୍ତରୀକରଣ ପଦ୍ଧତିର ଦୁଇଟି ମାଧ୍ୟମ ତଥାପି ଏହି ଦୁଇ ବ୍ୟବସ୍ଥା, ପରସ୍ପର ଠାରୁ ଭିନ୍ନ ଅଟନ୍ତି ।



## ପାଠଗତ ପ୍ରଶ୍ନ ୨୭.୨

ନିମ୍ନରେ ଲେଖାଥିବା ଶବ୍ଦଗୁଡ଼ିକୁ ସଜେଇ ଲେଖ ।

| | |
|---|---|
| ୧. ପାନ - ଇନଡିକ୍ | ଜାତି |
| ୨. ଲବ୍ଧ ପ୍ରସ୍ଥିତି | ଶ୍ରେଣୀ |
| ୩. ଅସ୍ପୃଶ୍ୟମାନେ | ବର୍ଣ୍ଣ |
| ୪. ଚାରି ହଜାରର ଗୋଷ୍ଠୀ | ଦଳିତ |

## ୨୭.୪ ଜାତି ପ୍ରଥାରେ ପରିବର୍ତ୍ତନ

ଜାତି ପ୍ରଥାରେ ପରିବର୍ତ୍ତନ ବିଗତ ଦୁଇ ଶତାବ୍ଦୀରୁ କିମ୍ବା ବିଶେଷତଃ ପଚାଶ ବର୍ଷ ପୂର୍ବରୁ ଭାରତୀୟ ସମାଜରେ ଦେଖିବାକୁ ମିଳୁଛି । ଏଥିପାଇଁ ଅନେକ ସାମାଜିକ ପ୍ରକ୍ରିୟା ଦାୟି । ଯଥା- ସଂସ୍କୃତିକରଣ, ପାଶ୍ଚାତ୍ୟକରଣ, ସହରୀକରଣ, ଶିଳ୍ପୀକରଣ, ଆଧୁନିକ ଶିକ୍ଷା, ପ୍ରଭାବଶାଳୀ ଜାତି ଇତ୍ୟାଦି ଇତ୍ୟାଦି ।

### ୧. ସଂସ୍କୃତି କରଣ (Sanskritization)

ଭାରତୀୟ ସମାଜ ଏକ ଜାତିଭିତ୍ତିକ ସମାଜ ଅଟେ । ଏହାର ଜାତିବ୍ୟବସ୍ଥା ରୁଦ୍ଧ ବା ଅପରିବର୍ତ୍ତନୀୟ । କିନ୍ତୁ ଜାତି ବ୍ୟବସ୍ଥାର ମୂଳ ପଦ୍ଧତିରେ କେତେକ ଗତିଶୀଳତା ଉପଲବ୍ଧି କରାଯାଇଅଛି । ନୀଚ ଜାତିର ସଭ୍ୟମାନେ ପାଶ୍ଚାତ୍ୟକରଣ, ଆଧୁନିକୀକରଣ, ଆଧୁନିକ ଶିକ୍ଷା ମାଧ୍ୟମରେ ନିଜ ସ୍ଥିତିର ପରିବର୍ତ୍ତନ ଆଣିପାରୁଛନ୍ତି ଓ ଉଚ୍ଚଜାତିର ସଦସ୍ୟମାନଙ୍କ ଚାଲିଚଳଣ, ରଙ୍ଗଢଙ୍ଗ, ଜୀବନ ଶୈଳୀଗୁଡ଼ିକୁ ଅନୁକରଣ କରି ନିଜର ପଦମର୍ଯ୍ୟାଦା ଓ ସ୍ଥିତିକୁ ପରିମାର୍ଜିତ କରିବା ସହିତ ଊର୍ଦ୍ଧାଭିମୁଖୀ କରାଇ ପାରୁଛନ୍ତି । ବିଖ୍ୟାତ ସମାଜ ଶାସ୍ତ୍ରବିତ୍ ପ୍ରଫେସର ଏମ୍.ଏନ୍. ଶ୍ରୀନିବାସ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେକି ରୁଦ୍ଧଜାତି ପଦ୍ଧତିର ପରିବର୍ତ୍ତିତ ଭାବଧାରାକୁ ସମାଜ ସମ୍ମୁଖରେ ଉପସ୍ଥାପିତ କରିପାରିଛନ୍ତି । ସେ ଭାରତୀୟ ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନର ପ୍ରକିୟାଗୁଡ଼ିକୁ "ସଂସ୍କୃତିକରଣ" (Sanskritization) ଏବଂ ପାଶ୍ଚାତ୍ୟକରଣ (Westernization) ଦୁଇଟି ନୂତନ ଶବ୍ଦ ପ୍ରୟୋଗ କରି ଆଲୋଚନା କରିଛନ୍ତି । ବିଶେଷକରି ଏହି ସଂସ୍କୃତିକରଣ ପ୍ରକ୍ରିୟାଟି ଭାରତୀୟ ସମାଜ ପରିପ୍ରେକ୍ଷୀରେ ଆଲୋଚନା କରାଯାଇଅଛି । ଏଣୁ ପ୍ରଫେସର ଶ୍ରୀନିବାସଙ୍କ କହିବା ଅନୁଯାୟୀ ସଂସ୍କୃତିକରଣ ଏଭଳି ଏକ ପ୍ରକ୍ରିୟା; ଯେଉଁ ପ୍ରକ୍ରିୟା ମାଧ୍ୟମରେ ସାମୁହିକ ଭାବରେ ନୀଚ ଜାତିର ସଦସ୍ୟମାନେ ଉଚ୍ଚ ଜାତିର ପ୍ରତିଷ୍ଠିତ ପଦ୍ଧତି ଏବଂ ଧର୍ମବିଶ୍ୱାସଗୁଡ଼ିକୁ ଗ୍ରହଣ କରି ନେଇଥାନ୍ତି । ଏହି ପ୍ରକ୍ରିୟା ନୀଚଜାତିର ଲୋକମାନଙ୍କର ଉଚ୍ଚଜାତିର



ପ୍ରସ୍ଥିତି ଗ୍ରହଣ କରିବାରେ ପ୍ରାରମ୍ଭିକ ପ୍ରକ୍ରିୟା ଅଟେ । ଏଣୁ ପାରମ୍ପରିକ ଭାରତୀୟ ସାମାଜିକ ବ୍ୟବସ୍ଥାରେ ସାଂସ୍କୃତିକ ଗତିଶୀଳତା ପରିଲକ୍ଷିତ ହୋଇଥାଏ । କିନ୍ତୁ ଏହା ସମାଜରେ ଢାଞ୍ଚାଗତ ଗଠନମୂଳକ ପରିବର୍ତ୍ତନ ଆଣିନଥାଏ ବରଂ ନିଜ ପ୍ରସ୍ଥିତିରେ ପରିବର୍ତ୍ତନ ଆଣିଥାଏ ।

**ଏକ ଦୃଷ୍ଟାନ୍ତ :**

୧୯୪୦ ମସିହାରେ ଆଗ୍ରାର ଚମାର ଜାତିକୁ "ଯାତବ୍" କୁହାଯାଏ । ସଂସ୍କୃତିକରଣ ପ୍ରକ୍ରିୟାକୁ ଆସିବା ପାଇଁ ସେମାନେ ଇଚ୍ଛା କଲେ । ଇଂରେଜ ଶାସନକାଳରେ ଯୋତାର ଚାହିଦା ବହୁତ ବଢିଲା, ଏଣୁ ସେମାନେ ଚମଡା କାମ କରି ବହୁତ ରୋଜଗାର କଲେ । କିନ୍ତୁ ପରେ ସେମାନେ କ୍ଷତ୍ରିୟ ପ୍ରସ୍ଥିତିକୁ ଆସିବା ପାଇଁ ଦାବି ଜଣାଇଲେ ଏବଂ ତାଙ୍କ କହିବା ଅନୁସାରେ ସ୍ୱାମୀ ଆତ୍ମାରାମଙ୍କ ରଚିତ ଲୋମେଶ ରାମାୟଣ (Lomesh Ramayana)ରେ ଲେଖାଅଛି ଯେ ତ୍ରେତୟା ଯୁଗରେ "ଯାତବ"ମାନେ କ୍ଷତ୍ରିୟଥିଲେ । ଯେତେବେଳେ ପ୍ରଭୁ ପର୍ଶୁରାମ କ୍ଷତ୍ରିୟମାନଙ୍କୁ ହତ୍ୟା କଲେ, ସେତେବେଳେ ସେମାନେ ଜଙ୍ଗଲରେ ଲୁଚିଲେ ଓ ନିଜକୁ ରକ୍ଷା କରିବା ପାଇଁ ଚମଡା କାର୍ଯ୍ୟରେ ନିୟୋଜିତ ହେଲେ । କିନ୍ତୁ ବର୍ତ୍ତମାନ ସେମାନେ ଅର୍ଥନୈତିକ କ୍ଷେତ୍ରରେ ବେଶ ଭଲ ଅଛନ୍ତି ତେଣୁ ସେମାନଙ୍କ ପୁରୁଣା କ୍ଷତ୍ରିୟ ବର୍ଣ୍ଣକୁ ଫେରିଯିବା ପାଇଁ ଇଚ୍ଛୁକ । କିନ୍ତୁ ବର୍ତ୍ତମାନର ସ୍ଥାନୀୟ କ୍ଷତ୍ରିୟମାନେ ଏହାକୁ ବିରୋଧ କରୁଛନ୍ତି ଯେହେତୁ ସେମାନେ ଅସ୍ପୃଶ୍ୟ । କାଳକ୍ରମେ ସେମାନେ ରାଜନୈତିକ ଦଳ ପାଇଁ ଏକ ଭୋଟ୍ ବ୍ୟାଙ୍କ ଗୋଷ୍ଠିରେ ପରିଣତ ହେଲେ । ବର୍ତ୍ତମାନ ଯାତବମାନେ ସେହି ଅଞ୍ଚଳରେ ବେଶ ପ୍ରଭାବଶାଳୀ । ଏଣୁ ଅସଫଳ ସଂସ୍କୃତିକରଣ ରାଜନୀତି କରିବାକୁ ଜନ୍ମ ନେଇଥାଏ ।

## ୨. ପାଶ୍ଚାତ୍ୟକରଣ (Westernization)

ପାଶ୍ଚାତ୍ୟକରଣ ମଧ୍ୟ ଏକ ସାମାଜିକ ପ୍ରକ୍ରିୟା ଅଟେ । ଏହି ପ୍ରକ୍ରିୟା ମାଧ୍ୟମରେ ଅଣ-ପାଶ୍ଚାତ୍ୟ ଦେଶମାନଙ୍କରେ ସାମାଜିକ ତଥା ସାଂସ୍କୃତିକ ପରିବର୍ତ୍ତନ ଦେଖାଦେଇଥାଏ । ଏହା ବିଶେଷତଃ ପାଶ୍ଚାତ୍ୟ ଚଳଣି, ଭାଷା, ପୋଷାକପତ୍ର ଏବଂ ବ୍ୟବହାର ଇତ୍ୟାଦିରେ ପରିବର୍ତ୍ତନ ଆଣିଥାଏ । ଏହାର ବିଭିନ୍ନ ବୈଶିଷ୍ଟ୍ୟଗୁଡିକ ହେଲା- ବୈଜ୍ଞାନିକ ବିଚାରଧାରା, ଯାନ୍ତ୍ରିକ ବିଜ୍ଞାନର ପ୍ରୟୋଗ, ଜ୍ଞାନଭିତ୍ତିକ ପ୍ରକ୍ରିୟା, ଭୌତିକ ସଂସ୍କୃତି ପାଇଁ ଅତ୍ୟଧିକ ଇଚ୍ଛା, ଆଧୁନିକ ଯୋଗାଯୋଗ ପ୍ରଣାଳି ଓ ଗଣମାଧ୍ୟମ ଉପରେ ପ୍ରାଥମିକତା, ଇଂରାଜୀ ଶିକ୍ଷା, ଉଚ୍ଚ ସାମାଜିକ ଗତି ଇତ୍ୟାଦି । ସମାଜ ଶାସ୍ତ୍ରବିତ୍ ଏମ୍.ଏନ୍. ଶ୍ରୀନିବାସଙ୍କ ମତରେ "ଦୀର୍ଘ ଦେଢଶହ ବର୍ଷରୁ ଊର୍ଦ୍ଧ୍ୱକାଳର ବ୍ରିଟିଶ ଶାସନ, ଭାରତୀୟ ସମାଜ ଓ ସଂସ୍କୃତିରେ ପାଶ୍ଚାତ୍ୟକରଣର ପ୍ରଭାବ ଆଣିଥିଲା । ବିଭିନ୍ନ ସ୍ତରରେ ଘଟୁଥିବା ପରିବର୍ତ୍ତନ ଯଥା- ପ୍ରଯୁକ୍ତିବିଦ୍ୟା, ଅନୁଷ୍ଠାନ, ଆଦର୍ଶ ଓ ମୂଲ୍ୟବୋଧଗୁଡିକ ଏହାର ଅନ୍ତର୍ଭୁକ୍ତ ଅଟନ୍ତି ।'' ଆଉ ଜଣେ ସମାଜଶାସ୍ତ୍ରବିତ୍ ପ୍ରଫେସର ଯୋଗେନ୍ଦ୍ର ସିଂହଙ୍କ ମତରେ "ପାଶ୍ଚାତ୍ୟକରଣ ଦେଶରେ ନାନାବିଧ ବିକାଶ ଓ ଉନ୍ନତି ଆଣିପାରୁଅଛି ।" ଏହି ପ୍ରକ୍ରିୟା ପୁରାପୁରି ଭାବରେ ଜାତି ପ୍ରଥାକୁ

ପ୍ରଭାବିତ କରିଥାଏ ବିଶେଷତଃ ସହରାଞ୍ଚଳରେ ଏହାର ପ୍ରଭାବ ଅଧିକ ହୋଇଥାଏ ।

### ୩. ଆଧୁନିକୀକରଣ (Modernization)


ଆଧୁନିକତା ହେଉଛି ବିଜ୍ଞାନ ସମ୍ମତ ଦୃଷ୍ଟିକୋଣ, ଉଚ୍ଚଧରଣର ସାମାଜିକ ସଂଚଳନ, ନୂତନକଳା, ନୂତନ ଚିନ୍ତାଧାରା । ଏହାର ଅର୍ଥ ହେଲା ଆଧୁନିକ ଚିନ୍ତାଧାରାରେ ବିକାଶ । ଦୈନନ୍ଦିନ ଜୀବନରେ ଆଧୁନିକତାର ଢାଞ୍ଚାରେ ନିଜର ଆଚାର, ବ୍ୟବହାର ପ୍ରଥା, ପରମ୍ପରାକୁ ପରିବର୍ତ୍ତନ କରାଇବାକୁ ଆଧୁନିକୀକରଣ କୁହାଯାଏ । ଏହି ପ୍ରକ୍ରିୟା ମାଧ୍ୟମରେ କେବଳ ଯେ ଭୌତିକ ସଂସ୍କୃତିର ପରିବର୍ତ୍ତନ ହୁଏ ତା ନୁହେଁ, ଅଭୌତିକ ସଂସ୍କୃତିରେ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଯଥା- ବିଶ୍ୱାସ, ମୂଲ୍ୟବୋଧ, ପ୍ରଥା, ପରମ୍ପରା, ଧର୍ମ, ସାହିତ୍ୟ, କଳା ଇତ୍ୟାଦି । ଏଣୁ ଏହି ପ୍ରକ୍ରିୟା ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଲକ୍ଷଣ ଦ୍ୱାରା ପରିପୃଷ୍ଟ । ଏଣୁ ଅର୍ଥନୈତିକ କ୍ଷେତ୍ରରେ ବିଦେଶୀକରଣ, ହାଟ ବଜାର ବୃଦ୍ଧି, ଔଦ୍ୟୋଗିକ ବିକାଶକୁ ବୁଝାଉଥିବାବେଳେ ସାମାଜିକ ସ୍ତରରେ ଶିକ୍ଷାହାରର ଅଭିବୃଦ୍ଧି ଓ ସହରୀକରଣ, ପାରମ୍ପରିକ ଶାସକ ଗୋଷ୍ଠୀର ପ୍ରଭାବ ଏବଂ ରାଜନୀତି ସ୍ତରରେ ରାଜନୈତିକ ଦଳ, ସାଂସଦ, ସାବାଳକ ଭୋଟଦାନ ବ୍ୟବସ୍ଥା ଇତ୍ୟାଦି ଇତ୍ୟାଦି ।

### ୪. ପ୍ରଭାବଶାଳୀ ଜାତି (Dominant caste)

ପ୍ରଭାବଶାଳୀ ବା ପ୍ରତିପତ୍ତିଶାଳୀ ଜାତି ଶବ୍ଦଟି ସର୍ବପ୍ରଥମେ ସମାଜ ବିଜ୍ଞାନୀ ପ୍ରଫେସର ଏମ୍.ଏନ୍. ଶ୍ରୀନିବାସ ବ୍ୟବହାର କରିଥିଲେ ଏବଂ ତାଙ୍କ ଦ୍ୱାରା ସୃଷ୍ଟି ସଂସ୍କୃତିକରଣ ପ୍ରକ୍ରିୟାରେ ପ୍ରଭାବଶାଳୀ ଧାରଣାଟି ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଏହି ଶବ୍ଦଟି ବିଂଶ ଶତାବ୍ଦୀରେ ପ୍ରଥମେ ବ୍ୟବହାର ହୋଇଥିଲା । ପ୍ରଭାବଶାଳୀ ଜାତିର ଲୋକେ ଅର୍ଥନୈତିକ, ରାଜନୈତିକ କ୍ଷମତାକୁ ଜାହିର କରିଥାନ୍ତି ଏବଂ ସାମାଜିକ ସ୍ତରୀକରଣରେ ଏକ ଉଚ୍ଚସ୍ଥାନ ଅଧିକାର କରିଥାନ୍ତି । ଏହି ଜାତିଗୁଡିକ ସମାଜରେ ଉଚ୍ଚ ପ୍ରସ୍ଥିତି ଲାଭ କରିବା ସହିତ ସର୍ବୋଚ୍ଚ ଆସନର ଅଧିକାରୀ ହୋଇଥାନ୍ତି । ନିଜର କ୍ଷମତା ଓ ଯୋଗ୍ୟତା ବଳରେ ନୀଚ ଜାତିର ସଦସ୍ୟମାନଙ୍କୁ ନିଜର ନିୟନ୍ତ୍ରଣାଧୀନ କରିଥାନ୍ତି ଏବଂ ସମାଜର ସମସ୍ତ ସୁବିଧା ସୁଯୋଗ ଉପଭୋଗ କରିଥାନ୍ତି । ଏହି ପ୍ରଭାବଶାଳୀ ଜାତିଗୁଡିକ ସାଧାରଣତଃ ପ୍ରଭୁଜାତି ନାମରେ ପରିଚିତ । ଏହାର ବିଭିନ୍ନ ବୈଶିଷ୍ଟ୍ୟଗୁଡିକ ହେଲା-ଜମି ମାଲିକାନା, ଜାତିର ଅଧିକ ଲୋକସଂଖ୍ୟା, ପାଶ୍ଚାତ୍ୟ ଶିକ୍ଷା, ସାମାଜିକ କ୍ଷେତ୍ରରେ ଉଚ୍ଚ ଆସନ, ସରକାରୀ ଚାକିରି, ସହରୀଆୟର ଉପାୟ ଓ ରାଜନୈତିକ ସମ୍ପୃକ୍ତି ।

### ୫. ଶିଳ୍ପୀକରଣ ଏବଂ ସହରୀକରଣ (Industrilization and Urbanization)

ଶିଳ୍ପୀକରଣ ପ୍ରକ୍ରିୟା ଓ ସହରିକରଣ ପ୍ରକ୍ରିୟା ଉଭୟେ ଜାତିପ୍ରଥାକୁ ପ୍ରଭାବିତ କରିଥାନ୍ତି । ଅନେକ ସ୍ଥାନରେ ବିଭିନ୍ନ ଶିଳ୍ପ ସହର ଗଢି ଉଠିବା ଦ୍ୱାରା ବହୁ ଲୋକ ସ୍ଥାନାନ୍ତରିତ ହୋଇଥାନ୍ତି । ଶିଳ୍ପୀକରଣ ଓ ସହରିକରଣ ପ୍ରକ୍ରିୟା ଦ୍ୱାରା ଅନେକ ସାଂସ୍କୃତିକ ପ୍ରତିମାନ ଓ ବସ୍ତୁର ବ୍ୟବସ୍ଥାଗୁଡିକରେ



ସାମୁହିକ ପରିବର୍ତ୍ତନ ଆଣି ଆଧୁନିକ ସମାଜ ଗଠନ କରିଥାଏ। ଏଣୁ ସହରମାନଙ୍କରେ ପାର୍କ, ରେଷ୍ଟୁରାଣ୍ଟ, ହୋଟେଲ, ବିଭିନ୍ନ ଦପ୍ତର ସିନେମାଘର ଦେଖାଦେବା ସଙ୍ଗେ ଯୋଗାଯୋଗ ମାଧ୍ୟମ ରୂପେ ବସ୍ ଓ ଟ୍ରେନଗୁଡିକର ବ୍ୟବହାର ବେଶୀ ମାତ୍ରାରେ ଦେଖାଦେଇଥାଏ।

### ୬. ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ (Democratic Decentralization)

ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରସାର ଯୋଗୁଁ ଗାଁମାନଙ୍କରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସୃଷ୍ଟି ହୋଇପାରିଛି । ଏହି ବ୍ୟବସ୍ଥା ଦ୍ୱାରା ନୀଚ ଜାତିର ଲୋକେ ଶାସନର ସୁଫଳ କେତେକ ସ୍ଥାନରେ ପାଇପାରୁଛନ୍ତି ଯାହାକି ସଶକ୍ତିକରଣ କ୍ଷେତ୍ରରେ ଲୋକଙ୍କୁ ବିଶେଷ ସାହାଯ୍ୟ କରୁଛି ।

### ୭. ଜାତି ଓ ରାଜନୀତି (Caste and politics)

ରାଜନୀତି ମଣିଷ ଜୀବନ ସଙ୍ଗେ ଓତପ୍ରୋତ ଭାବେ ଜଡିତ। ବର୍ଣ୍ଣ ବ୍ୟବସ୍ଥା ସମୟରେ ବ୍ରାହ୍ମଣମାନଙ୍କର ଆଧିପତ୍ୟକୁ ଏକ ପ୍ରକାର ରାଜନୀତି କୁହାଯାଉଥିଲା। ଆଜିକାଲି ଜାତି ସଂଗେ ରାଜନୀତି ପୁରାପୁରି ଭାବରେ ଜଡିତ । କାରଣ ଜାତିଗୁଡିକ ବର୍ତ୍ତମାନ ଭୋଟ ବ୍ୟାଙ୍କ ହିସାବରେ କାମ କରୁଛି ଏବଂ ପ୍ରତ୍ୟେକ ଜାତିର ଗୋଟିଏ ଲେଖାଏଁ ସଂଗଠନ ରହିଅଛି । ପ୍ରକୃତରେ ଜାତି ଏବଂ ରାଜନୀତିର ସମ୍ପର୍କ ନୀଚ ଜାତିର ସଶକ୍ତିକରଣକୁ ଆଗେଇ ନେଉଛି । ବର୍ତ୍ତମାନ ଏହି ଜାତିଗୁଡିକ ଭୋଟ ମାଧ୍ୟମରେ ସେମାନଙ୍କ ଭାବନାକୁ ପରିପ୍ରକାଶ କରୁଛନ୍ତି । ଉଦାହରଣ ସ୍ୱରୂପ; ଦଳିତ ରାଜନୀତି। ଏହି ଦଳିତମାନେ "ସମଭାବନା" ରଖି ରାଜନୀତି କ୍ଷେତ୍ରରେ ପ୍ରବେଶ କରି କେତେକ ରାଜ୍ୟରେ ଶାସନ ଭାର ମଧ୍ୟ ଅକ୍ତିଆର କରିପାରିଛନ୍ତି । ଅପରପକ୍ଷେ ଉଚ୍ଚ ଜାତିଗୁଡିକ ନୀଚ ଜାତିର ପ୍ରଭାବଶାଳୀ ପ୍ରସ୍ଥିତିକୁ ସହଜରେ ସହ୍ୟ କରିପାରୁନାହାନ୍ତି । ଏଥିପାଇଁ ଦୁଇ ଗୋଷ୍ଠି ମଧ୍ୟରେ ବେଳେବେଳେ ବିବାଦ ଦେଖାଦେଇଥାଏ।

### ୮. ଜାତି ଓ ଅର୍ଥନୀତି (Caste and Economy)

ଜାତି ଓ ଅର୍ଥନୀତି ଉଭୟ ପୁରାତନ ପାରମ୍ପରିକ ସମାଜରେ ଓତପ୍ରୋତ ଭାବେ ଜଡିତ; ଯାହାକି ଯଜମାନୀ ବ୍ୟବସ୍ଥା ଉପରେ ବେଷ୍ଟିତ । ଏହି ବ୍ୟବସ୍ଥା ଅନୁଯାୟୀ ନୀଚଜାତିଗୁଡିକୁ ସେବା ଜାତି ବା କାମିନ୍ କୁହାଯାଏ ଏବଂ ସେମାନେ ଉଚ୍ଚ ଜାତିମାନଙ୍କୁ ସେମାନଙ୍କ ସେବା ଯୋଗାଇଥାନ୍ତି। ଉଚ୍ଚ ଜାତିର ଲୋକମାନଙ୍କୁ ଯଜମାନ (jajman) କୁହାଯାଏ । ଏଣୁ କାମିନ୍ ଏବଂ ଯଜମାନଙ୍କ ମଧ୍ୟରେ ଏକ ସୁସମ୍ପର୍କ ରହିଥାଏ। କାମିନ୍‌ମାନେ ଯଜମାନମାନଙ୍କଠୁ ତାଙ୍କ ସେବା ବଦଳରେ ଖାଦ୍ୟଶସ୍ୟ ପାଇଥାନ୍ତି। କିନ୍ତୁ କାଳକ୍ରମେ ଏହି ବ୍ୟବସ୍ଥାଟି ସମାଜରୁ ଉଭେଇ ଯାଇଅଛି ।

ଜାତିପ୍ରଥାରେ ବର୍ତ୍ତମାନ ସମାଜରେ ଅନେକଗୁଡିଏ ପରିବର୍ତ୍ତନ ପରିଲକ୍ଷିତ ହେଉଅଛି । ଏଥି ସଙ୍ଗେସଙ୍ଗେ ଏହା ଏକ ନୂତନ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସୃଷ୍ଟି କରିପାରିଅଛି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଲୋକମାନେ ଜାତିର ନିତି ନିୟମକୁ ସମ୍ପୂର୍ଣ୍ଣରୂପେ ପ୍ରାୟ ମାନି ଚଳନ୍ତି ନାହିଁ



କିନ୍ତୁ ବିବାହ, ବ୍ରତ ଆଦି କ୍ଷେତ୍ରରେ ଜାତିର କଠୋରତା ଦେଖାଦେଇଥାଏ ।

## ପାଠଗତ ପ୍ରଶ୍ନ ୨୭.୩

ବନ୍ଧନୀରେ ଥିବା ଉପଯୁକ୍ତ ଶବ୍ଦ ବ୍ୟବହାର କରି ଶୁନ୍ୟସ୍ଥାନ ପୂରଣ କର ।

୧. ସଂସ୍କୃତିକରଣ ପ୍ରକ୍ରିୟାରେ ..................... ଜାତି ଉଚ୍ଚଜାତି ପ୍ରସ୍ଥିତିକୁ ଯାଇଥାଏ । (ନୀଚ, ଉଚ୍ଚ, ମଧ୍ୟମ)

୨. ପାଶ୍ଚାତ୍ୟକରଣ ପ୍ରକ୍ରିୟା.......................... ମୂଲ୍ୟବୋଧକୁ ଆଦରିଥାଏ । (ଜାପାନୀ, ପାଶ୍ଚାତ୍ୟ, ଭାରତୀୟ)

୩. ଆଧୁନିକୀକରଣ ପ୍ରକ୍ରିୟାର ଗୋଟିଏ ............ ଦୃଷ୍ଟିଭଙ୍ଗୀ ଅଛି । (ବିଚାରବୁଦ୍ଧି ସମ୍ପନ୍ନ rational, ପାରମ୍ପରିକ traditional, ରକ୍ଷଣଶୀଳ Conservative)

୪. ଗୋଟିଏ ପ୍ରଭାବଶାଳୀ ଜାତିର .............................. ଜନସଂଖ୍ୟା ଥାଏ (ବେଶୀ, କମ୍, ଅତି କମ୍)

## ତୁମେ କ'ଣ ଶିକ୍ଷା କଲ :

- ଏହି ଅଧ୍ୟାୟରେ ତୁମେ ଭାରତୀୟ ସାମାଜିକ ସଂଗଠନ ଯଥା- ଜାତି ପ୍ରଥାର ମୁଖ୍ୟ ଲକ୍ଷଣଗୁଡିକ ପଢିଲ ।
- ଜାତି ପ୍ରଥା ଭାରତୀୟ ସମାଜର ଗୋଟିଏ ଅତି ପୁରାତନ ବ୍ୟବସ୍ଥା ।
- ଅତୀତରେ ବାସ୍ତବରେ ଏହା ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସେବା ଏବଂ ଜିନିଷ ବିନିମୟର ଏକ ବ୍ୟବସ୍ଥା ।
- ଅସ୍ପୃଶ୍ୟତାକୁ ସର୍ବସାଧାରଣରେ ସମାଲୋଚନା କରାଯାଇଥାଏ ।
- ସଂସ୍କୃତିକରଣ, ପାଶ୍ଚାତ୍ୟକରଣ, ଆଧୁନିକୀକରଣ, ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ, ଔଦ୍ୟୋଗୀକରଣ ଏବଂ ସହରିକରଣ ପ୍ରକ୍ରିୟାଗୁଡିକର ପ୍ରଭାବ ଯୋଗୁଁ ଅନେକ ସାମାଜିକ ପରିବର୍ତ୍ତନ ଦେଖାଦେଇଥାଏ ।
- ଉପରେ ଲିଖିତ ବିଭିନ୍ନ ସାମାଜିକ ପ୍ରକ୍ରିୟାଗୁଡିକୁ ଜାତିପ୍ରଥାକୁ ସହରାଞ୍ଚଳରେ ଉପଯୋଗୀ କରାଇଥାଏ । ଜାତିପ୍ରଥା ମଧ୍ୟ ଶ୍ରେଣୀ ବ୍ୟବସ୍ଥାର କେତେକ ଲକ୍ଷଣଗୁଡିକୁ ଖାପଖୁଆଇ ଚଳିଥାଏ ।



## ପାଠ୍ୟାନ୍ତ ପ୍ରଶ୍ନାବଳୀ Terminal Questions

୧. ବର୍ଣ୍ଣ ଏବଂ ଜାତି ମଧ୍ୟରେ ଥିବା ବିଭିନ୍ନ ପାର୍ଥକ୍ୟଗୁଡିକ ଲେଖ।

୨. ଜାତି ଏବଂ ଶ୍ରେଣୀ ମଧ୍ୟରେ ଥିବା ବିଭିନ୍ନ ପାର୍ଥକ୍ୟଗୁଡିକ ଲେଖ ।

୩. ସଂସ୍କୃତିକରଣ କାହାକୁ କୁହାଯାଏ ?

୪. ପ୍ରଭାବଶାଳୀ ଜାତିର ବିଭିନ୍ନ ଗୁଣଗୁଡିକ ଦର୍ଶାଅ

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

**୨୭.୧** (୧) ଘିଅ (୨) ପୁରୋହିତ

(୩) ଦଳିତ (୪) ବଂଶାନୁଗତିକ

**୨୭.୨** (୧) ବର୍ଣ୍ଣ (୨) ଶ୍ରେଣୀ

(୩) ଦଳିତ (୪) ଜାତି

**୨୭.୩** (୧)ନୀଚ (୨) ପାଶ୍ଚାତ୍ୟ

(୩) ବିଚାର ବୁଦ୍ଧି ସମ୍ପନ୍ନ (୪) ବେଶି